# ମାତ୍ର ୨୦ ପ୍ରତିଶତଙ୍କୁ ଅନ୍‌ଲାଇନ୍ ଶିକ୍ଷା

- ୬୫୨୭ ଗ୍ରୁପ୍‌ରେ ପଢୁଛନ୍ତି ୨୩ ହଜାର ଛାତ୍ରୀଛାତ୍ର
- ଆଣ୍ଡ୍ରଏଡ୍ ସେଟ୍ ନ ଥିବାରୁ ୯୨ ହଜାର ପିଲା ବଞ୍ଚିତ
- ସରକାରଙ୍କୁ ରିପୋର୍ଟ ଦେଇଛି ଜିଲା ଶିକ୍ଷା କାର୍ଯ୍ୟାଳୟ


ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

**ଅନୁଗୋଳ ଅଫିସ, ୧୬।୭**

ମହାମାରୀ କରୋନା ଯୋଗୁ ସ୍କୁଲରେ ପଡ଼ିଛି ତାଲା। ୪ ମାସ ହେଲା ଘରେ ବସିଛନ୍ତି ଛାତ୍ରୀଛାତ୍ର। ଏପରି ସ୍ଥିତିରେ ନୂଆ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଭାବିତ ହୋଇଥିବା ପାଠପଢ଼ାକୁ ଆଗେଇ ନେବା ପାଇଁ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍‌ରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଅନୁଗୋଳ ଜିଲାର ସରକାରୀ ବିଦ୍ୟାଳୟରେ ପଢୁଥିବା ମୋଟ୍ ୧ଲକ୍ଷ ୧୫ ହଜାର ୨୮୯ ଛାତ୍ରୀଛାତ୍ର ଉକ୍ତ ବ୍ୟବସ୍ଥାରୁ ସେପରି କିଛି ଲାଭ ପାଇପାରି ନାହାନ୍ତି। ଶିଳ୍ପ ସମୃଦ୍ଧ ଏହି ଜିଲାର ମାତ୍ର ୨୦ ପ୍ରତିଶତ ଅର୍ଥାତ୍ ୨୩ ହଜାର ପିଲା ଅନ୍‌ଲାଇନ୍‌ରେ ଶିକ୍ଷାଦାନ ପାଇପାରୁଥିବା ବେଳେ ଆଣ୍ଡ୍ରଏଡ୍ ସେଟ୍ ନ ଥିବା ଓ ଅନ୍ୟାନ୍ୟ ସମସ୍ୟାରୁ ୯୨ ହଜାର ପିଲା ବଞ୍ଚିତ ରହିଛନ୍ତି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ରିପୋର୍ଟରୁ ଏହି ସୂଚନା ମିଳିଛି।

ଅନ୍‌ଲାଇନ୍‌ରେ ଶିକ୍ଷା ପ୍ରଦାନ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲାର ୮ଟି ବ୍ଲକ, ଦୁଇଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସିର ପ୍ରଥମରୁ ଦଶମ ଶ୍ରେଣୀରେ ପଢୁଥିବା ମୋଟ୍ ୧ ଲକ୍ଷ ୧୫ ହଜାର ୨୮୯ ଛାତ୍ରୀଛାତ୍ରଙ୍କ ପାଇଁ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଅନେକ ସ୍ଥାନରେ ମୋବାଇଲ୍ ନେଟ୍‌ୱର୍କ ନ ଥିବା ସମସ୍ୟା ସୃଷ୍ଟି କରିଛି। ସେହିପରି ହଜାର ହଜାର ଅଭିଭାବକଙ୍କ ନିକଟରେ ଆଣ୍ଡ୍ରଏଡ୍ ସେଟ୍ ନ ଥିବାରୁ ସେମାନଙ୍କ ପିଲା ଏହି ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାରେ ସାମିଲ ହୋଇପାରି ନାହାନ୍ତି। ଜିଲା ଶିକ୍ଷା କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଜିଲାରେ ପ୍ରାଥମିକ ବିଦ୍ୟାଳୟରେ ୫୭ ହଜାର ୩୪୧ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧୦ ହଜାର ୩୮୭ ଜଣଙ୍କ ଘରେ ଆଣ୍ଡ୍ରଏଡ୍ ଫୋନ୍ ଅଛି। ତେଣୁ ଗ୍ରୁପ୍ କରାଯାଇ ୧୦ ହଜାର ୪୯୯ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଉଛି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୭ ହଜାର ୪୨୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭ ହଜାର ୯୩୮ ଜଣଙ୍କ ଘରେ ଆଣ୍ଡ୍ରଏଡ୍ ଫୋନ୍ ଥିବାବେଳେ ୭୭୬୪ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ପଢୁଛନ୍ତି। ୯ମ ଓ ୧୦ମ ଶ୍ରେଣୀରେ ଜିଲାରେ ମୋଟ୍ ୨୦ ହଜାର ୫୨୨ ଛାତ୍ରୀଛାତ୍ର ଥିବାବେଳେ ୪ ହଜାର ୮୮ ଜଣଙ୍କ ଅଭିଭାବକଙ୍କ ନିକଟରେ ଆଣ୍ଡ୍ରଏଡ୍ ଫୋନ୍ ରହିଛି। ତେଣୁ ୫୦୪ଟି ଗ୍ରୁପ୍ କରାଯାଇ ୪ ହଜାର ୭୭୧ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ପଢ଼ାଯାଇପାରୁଛି। ଆଣ୍ଡ୍ରଏଡ୍ ଫୋନ୍ ବା ଅନ୍ୟାନ୍ୟ ଟେକ୍ନିକାଲ ସମସ୍ୟା ଯୋଗୁ ଜିଲାର ମୋଟ୍ ୯୨ ହଜାର ୨୫୫ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି।

### ମେଧାବୀଙ୍କ ଭବିଷ୍ୟତ ଅନ୍ଧକାରମୁହାଁ



ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱର୍କ ନ ଥିବାରୁ ଅନ୍‌ଲାଇନ୍ ଶିକ୍ଷାର ସୁଫଳ ମିଳିପାରୁ ନାହିଁ। କେତେକ ସ୍ଥାନରେ କାଁ ଭାଁ ନେଟ୍‌ୱର୍କ ଆସୁଥିବା ବେଳେ ବହୁ ଅଭିଭାବକଙ୍କ ନିକଟରେ ଆଣ୍ଡ୍ରଏଡ୍ ସେଟ୍ ନାହିଁ। ତେଣୁ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି। ବିକଳ୍ପ ବ୍ୟବସ୍ଥା ନ ହେଲେ ଖାସ୍ କରି ଦଶମ ଶ୍ରେଣୀ ପିଲାମାନେ ଅଧିକ ପ୍ରଭାବିତ ହେବ।

**-ସନ୍ତୋଷ କୁମାର ପଣ୍ଡା, ପ୍ରଧାନଶିକ୍ଷକ, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ**

### ବିକଳ୍ପ ବ୍ୟବସ୍ଥା ନାହିଁ



ବହୁ ଉଦ୍ୟମ ପରେ ଜିଲାରେ ଅନ୍‌ଲାଇନ୍‌ରେ ପାଠପଢ଼ା ଆରମ୍ଭ ହୋଇଛି। ଏବେ ମାତ୍ର ୨୦ ପ୍ରତିଶତ ପଢୁଥିବାବେଳେ ଆଗକୁ କିପରି ଅଧିକ ଛାତ୍ରୀଛାତ୍ର ଗ୍ରୁପ୍‌ରେ ଯୋଡ଼ିହେବେ ସେ ନେଇ ଚେଷ୍ଟା ଜାରି ରହିଛି। ଯଥାସମ୍ଭବ ପିଲାଙ୍କୁ ପଢ଼ାଇବାକୁ ଉଦ୍ୟମ କରାଯାଉଛି। ଆଉ କିଛି ବିକଳ୍ପ ବ୍ୟବସ୍ଥା ବିଭାଗ ନିକଟରେ ନାହିଁ। ସ୍କୁଲ ଖୋଲିବା ପରେ ଯାହା କରିହେବ। ଆମେମାନେ ନିରୁପାୟ।

**-କଳ୍ପନା ବେହେରା, ଜିଲା ଶିକ୍ଷା ଅଧିକାରୀ, ଅନୁଗୋଳ**

## ସଂକ୍ଷେପରେ

### 'ଟ୍ରୁନାଟ୍'ର କାର୍ଯ୍ୟକାରିତା ଅନୁଧ୍ୟାନ

ଅନୁଗୋଳ ଅଫିସ, ୧୬।୭- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲାପାଳ ମନୋଜ କୁମାର ମହାନ୍ତି ଗୁରୁବାର ପରିଦର୍ଶନରେ ଯାଇ କରୋନା ପରୀକ୍ଷା ପାଇଁ ଲଗାଯାଉଥିବା ଟ୍ରୁନାଟ୍ ମେଶିନର ଅନୁଧ୍ୟାନ କରିଥିଲେ। ଏଥିସହ କରୋନା ଆଇସୋଲେଶନ୍ ସେଣ୍ଟରରେ ଖୋଲିଥିବା ଫ୍ଲୁ ୱାର୍ଡ ମଧ ପରିଦର୍ଶନ କରିଥିଲେ। ସେଠାରେ ରୋଗୀଙ୍କୁ କିଭଳି ସେବା ଯୋଗାଯାଉଛି ସେ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସିଡିଏମ୍‌ଓ ଅଭୟ ଦାସ, ଏଡିଏମ୍‌ଓ(ମେଡିକାଲ) ବି.ବି. ମହାନ୍ତି, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଦିଲୀପ ପଟ୍ଟନାୟକ, ମାଇକ୍ରୋ ବାୟୋଲୋଜିର ଡା. ଏସ୍.ଏସ୍. ତ୍ରିପାଠୀ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଏସ୍.ଆର. ନାୟକ, ମେଡିକାଲ ମ୍ୟାନେଜର ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ସାମାଜିକ କର୍ମୀ

ବଇଣ୍ଡା, ୧୬।୭(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକରେ ୨୦୧୧ରୁ ୨୦୧୯ ମଧ୍ୟରେ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ତଥା ଅସହାୟଙ୍କ ପାଇଁ ଆସିଥିବା ୨ କୋଟିରୁ ଊର୍ଦ୍ଧ୍ୱ ଭତ୍ତା ଟଙ୍କାର ହିସାବ ମିଳୁ ନ ଥିବାରୁ ବଡଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ବିଡିଓ ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଏହାର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଠମଲ୍ଲିକ ସାମାଜିକକର୍ମୀ ବିଶ୍ୱଜିତ ଗାଇଗରିଆ 'ଧରିତ୍ରୀ'ରେ ପ୍ରକାଶିତ ରିପୋର୍ଟକୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଛନ୍ତି। ଏଥିସହ ପଞ୍ଚାୟତିରାଜ ବିଭାଗ, ଅନୁଗୋଳ ଜିଲାପାଳଙ୍କୁ ମଧ ଟୁଇଟ୍ ମାଧମରେ ଅବଗତ କରାଇଛନ୍ତି।

### ୪ ପଜିଟିଭ ଚିହ୍ନଟ

ଅନୁଗୋଳ ଅଫିସ୍, ୧୬।୭: ଅନୁଗୋଳରେ ଗୁରୁବାର ଆଉ ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକର ଜଣେ ପୁରୁଷ(୬୫), ମହିଳା(୪୫) ଓ ଜଣେ ୩ ବର୍ଷର ଶିଶୁପତ୍ର ରହିଛନ୍ତି। ସେମାନେ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସୂଚନା ରହିଛି। ଏଥିପାଇଁ ଛେଣ୍ଡିପଦା ସଦର ମହକୁମାକୁ ଶୁକ୍ରବାର ଦିନକ ପାଇଁ ଶଟ୍‌ଡାଉନ କରାଯାଇଛି। ସେହିପରି ତାଳଚେର ବ୍ଲକର ଜଣେ ୨୪ ବର୍ଷୀୟ ଯୁବକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିବାବେଳେ ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ଆକ୍ରାନ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### କାର୍ଯ୍ୟକ୍ଷମ ହେଲା ଏଚ୍‌ଆଇଭି ପରୀକ୍ଷଣ ମେଶିନ

**ଢେଙ୍କାନାଳ ଅଫିସ, ୧୬।୭**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାରରେ ଅଚଳ ହୋଇପଡ଼ିଥିବା ଏଚ୍‌ଆଇଭି ପରୀକ୍ଷଣ ମେଶିନ ଗୁରୁବାର କାର୍ଯ୍ୟକ୍ଷମ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ହସ୍ତକ୍ଷେପ ପରେ ରକ୍ତ ପରୀକ୍ଷଣ ଲାଗି ବ୍ୟବହୃତ ଏହି ମେଶିନକୁ ମରାମତି କରାଯାଇଛି। ମେଶିନ ଅଚଳ ହୋଇପଡ଼ିବା ପରେ ସଂଗୃହୀତ ରକ୍ତ ପରୀକ୍ଷା ହୋଇପାରୁ ନ ଥିଲା। ଗୁରୁବାରଠାରୁ ପୁଣି ଥରେ ରକ୍ତ ସଂଗ୍ରହ ସହ ଏହାର ପରୀକ୍ଷଣ ଆରମ୍ଭ ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଇଚ୍ଛୁକ ବ୍ୟକ୍ତି, ସଙ୍ଗଠନ ରକ୍ତଦାନ କରି ରୋଗୀ ଜୀବନ ବଞ୍ଚାଇବାକୁ ଜିଲାପାଳ ନିବେଦନ କରିଛନ୍ତି।

### ଚଢ଼ାଉ, ୨ ଟ୍ରାକ୍ଟର ଜବତ

**ଢେଙ୍କାନାଳ ଅଫିସ, ୧୬।୭**

ଢେଙ୍କାନାଳ ସଦର ଥାନା ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ଓ ବାରଦା ଅଞ୍ଚଳର ବେଆଇନ ବାଲିଘାଟରୁ ବାଲି ଚୋରାଚାଲାଣ କରାଯାଉଥିବାବେଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଗାଡ଼ି ମାଲିକଙ୍କଠାରୁ ୬୦ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି। ତହସିଲଦାର ଲକ୍ଷ୍ମୀଧର ରାଉତ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ପ୍ରମୁଖ ଚଢ଼ାଉ କରିଥିଲେ।

## ରାହୁଲ, ଆୟୁଷ୍ମାନ ଡିପିଏସ୍ ଟପ୍ପର

**ଢେଙ୍କାନାଳ ଅଫିସ, ୧୬।୭**

**ସିବିଏସ୍‌ଇ ପରୀକ୍ଷା ଫଳ**

ସଦ୍ୟ ପ୍ରକାଶିତ ସିବିଏସ୍‌ଇ ପରୀକ୍ଷାରେ ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ରେଜଲ୍ଟ ୧୦୦% ହୋଇଛି। ଦଶମ ଶ୍ରେଣୀ ଛାତ୍ର ରାହୁଲ ମିଶ୍ର ୯୬.୪ %, ଲକ୍ଷ୍ମୀପ୍ରିୟା ପତି ୯୬.୨% ଏବଂ କରଣ ପଟ୍ଟନାୟକ ୯୪.୮% ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ରାହୁଲ ଓ କରଣ ସାମାଜିକ ବିଜ୍ଞାନରେ ୧୦୦ରୁ ୧୦୦ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଆୟୁଷ୍ମାନ ଜେନା ୯୬.୨% ନମ୍ବର ରଖି ଟପ୍ପର ହୋଇଛନ୍ତି। ପ୍ରୀତିଷ୍ଟା ପାଣିଗ୍ରାହୀ ୯୩.୮% ଏବଂ ରାଜଦୀପ ବୋରା ୯୨.୮% ନମ୍ବର ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ଆୟୁଷ୍ମାନ ଶାରିରୀକ ଶିକ୍ଷାରେ ୧୦୦ରୁ ୧୦୦ ମାର୍କ ରଖିଛନ୍ତି।


ଆୟୁଷ୍ମାନ ଜେନା

ଏହି ଅବସରରେ ସିନର୍ଜି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ୍ ବିନୋଦ ଦାସ, ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାଶ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଅଧକ୍ଷ ଯଜ୍ଞେଶ୍ୱର ବୋରା ଅନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି।

## ଆନ୍ଦୋଳନକାରୀ-ପୋଲିସ ଧସ୍ତାଧସ୍ତି

- ଅଳିଆ ପକାକୁ ନେଇ ଉତ୍ତେଜନା
- ଆଲୋଚନା ପରେ ହେବ ନିଷ୍ପତ୍ତି

**ଅନୁଗୋଳ ଅଫିସ୍, ୧୬।୭**

ଅଳିଆ ପକାକୁ ନେଇ ପୁଣି ଉତ୍ତେଜନା ଦେଖାଦେଇଛି। ବିରୋଧ କରୁଥିବା ପଞ୍ଚମହଲା ବେଣିବଣିଆ ସାହି ମହିଳାମାନଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଛି। ବୁଝାଶୁଝା ଉଦ୍ୟମ ବିଫଳ ହୋଇଥିବାରୁ ଅନୁଗୋଳ ପୌରପାଳିକା ପକ୍ଷରୁ ଅଳିଆ ପକାଯିବା କାର୍ଯ୍ୟ ବନ୍ଦ ରଖାଯାଇଛି। ପ୍ରଶାସନ ଉପସ୍ଥିତିରେ ଲୋକଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଅନୁଗୋଳ ସହରର ଅଳିଆ ପଞ୍ଚମହଲାର ବେଣିବଣିଆ ସାହି ନିକଟରେ ହୋଇଥିବା ଡମ୍ପିଂୟାର୍ଡରେ ପକାଯିବାକୁ ଅଞ୍ଚଳବାସୀ ବିରୋଧ କରିଥିଲେ। ଫଳରେ ଉପସ୍ଥିତ ସ୍ଥାନୀୟ ମହିଳାମାନଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ଅଧିକ ସଂଖ୍ୟାରେ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଅଞ୍ଚଳବାସୀଙ୍କ ସହିତ ପ୍ରଶାସନ ଓ ପୋଲିସ କରିଥିବା ଆଲୋଚନା ବିଫଳ ହୋଇଛି। ସ୍ଥାନୀୟ ସରପଞ୍ଚଙ୍କ ସମେତ ଏକ ପ୍ରତିନିଧି ଦଳ, ପୌରପ୍ରଶାସନ ଓ ଜିଲା ପ୍ରଶାସନ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଶୁକ୍ରବାରଠାରୁ ସହରର ଆବର୍ଜନା ଏହି ଡମ୍ପିଂୟାର୍ଡ ଅଞ୍ଚଳକୁ ଯିବ ନାହିଁ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ବୁଧବାର ଅଞ୍ଚଳବାସୀ ଏହାକୁ ବିରୋଧ କରି ୮ଟି ଅଳିଆ ଗାଡ଼ିକୁ ଅଟକ ରଖିଥିଲେ। ଏପରି କି ପୌରପାଳିକାର ଫିକଲ ସ୍ଲଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏଫଏସ୍‌ଟିବି)ର ଦୁଇ ଜଣ କର୍ମଚାରୀଙ୍କୁ ମଧ ଅଟକ ରଖିଥିଲେ। ପୋଲିସ ଓ ପ୍ରଶାସନ ପ୍ରଥମ ଦିନ ଆଲୋଚନା କରିଥିଲେ ହେଁ ତାହା ବିଫଳ ହୋଇଥିଲା। ଗୁରୁବାର ୬ଟି ଅଳିଆଗାଡ଼ି ଡମ୍ପିଂୟାର୍ଡକୁ ନେବା ସମୟରେ ବିବାଦ ଦେଖାଦେଇଥିଲା। ତେଣୁ ଶୁକ୍ରବାରଠାରୁ ଅଳିଆ ପକାଯିବା ବନ୍ଦ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି। ଘଟଣାସ୍ଥଳରେ ଫୋର୍ସ ସହ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶ ବିଶୋଇ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜଣେ ମହିଳାଙ୍କ ସହ ପୋଲିସ ଧସ୍ତାଧସ୍ତି କରୁଛି।

## ୩୦ ପରିବାରକୁ ମିଳିଲା ବିଜୁଳି

**ବଇଣ୍ଡା, ୧୬।୭(ଡି.ଏନ.ଏ.)**



ଗ୍ରାମର ଏକ ଘରେ ବଲ୍‌ବ ଜଳୁଛି।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଜାମୁଖୋଳ ଗ୍ରାମରେ ବୁଧବାର ୩୦ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଏହାକୁ ନେଇ ସମ୍ପୃକ୍ତ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସୌଭାଗ୍ୟ ଯୋଜନାରେ ସାମିଲ ହୋଇ ମଧ ସମ୍ପୃକ୍ତ ୩୦ ପରିବାର ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍‌ରୁ ବଞ୍ଚିତ ଥିଲେ। ଏ ନେଇ ଗତ ୧୨ ତାରିଖରେ 'ଧରିତ୍ରୀ'ରେ 'ଖୁଣ୍ଟରେ ଝୁଲୁଛି ସୌଭାଗ୍ୟ' ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଥିଲା। ଏ ନେଇ ଆଠମଲ୍ଲିକର ସାମାଜିକକର୍ମୀ ପ୍ରତାପ ମେହେର ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଥିଲେ। ଏହା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏପରିକି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମଧ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଇବାକୁ ସେସୁ ଓ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସେସୁ ଏସ୍‌ଡିଓ ସିପକ ଦାସ, କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝିଙ୍କ ସହ ଠିକା ସଂସ୍ଥା କର୍ମଚାରୀ ସମସ୍ତଙ୍କ ଘରେ ମିଟର ଲଗାଇ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ଦେଇଥିବା ଜଣାପଡ଼ିଛି।

### ୬୬୦୦ ଟଙ୍କା ଜରିମାନା ଆଦାୟ

**ଢେଙ୍କାନାଳ ଅଫିସ, ୧୬।୭**

ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଗୁରୁବାର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ଟାଉନ ଥାନା ପୋଲିସ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରିଥିଲା। ମାସ୍କ ବ୍ୟବହାର କରୁ ନ ଥିବା ଏବଂ ସାମାଜିକ ଦୂରତ୍ୱ ନିୟମ ପାଳନ କରୁ ନ ଥିବା ଦୋକାନୀ ଏବଂ କର୍ମଚାରୀଙ୍କ ନିକଟରୁ ୬୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଣିକି କୋଭିଡ୍-୧୯ ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ତାଗିଦ କରାଯାଇଛି।

## ଯୌତୁକ ନିଆଁରେ ଜଳିଗଲେ ପ୍ରିୟା

- ଦେଢ଼ବର୍ଷ ତଳେ ବିବାହ କରିଥିଲେ
- ସ୍ୱାମୀ, ଶାଶୁ ଓ ନଣନ୍ଦ ଦେଉଥିଲେ ନିର୍ଯାତନା
- ଅଭିଯୋଗ ପରେ ପୋଲିସ କରୁଛି ତଦନ୍ତ

**ବଁଆରପାଳ, ୧୬।୭(ଡି.ଏନ.ଏ)**

ଯୌତୁକ ଲୋଭ ପୁଣି ନେଇଛି ଜୀବନ। ମାତ୍ର ଦେଢ଼ବର୍ଷର ଜଣେ ନବବଧୂଙ୍କୁ ଶାଶୁଘର ଲୋକେ କିରୋସିନ ଢାଳି ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲା ବଁଆରପାଳ ବ୍ଲକ ଗଡସନ୍ତ୍ରୀ ଗ୍ରାମରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଥାନାରେ ଏତଲା ପରେ ପୋଲିସ ନଂ. ୧୯୧/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ମୁତାବକ, ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଦୁଦୁରକୋଟ ଗ୍ରାମର ଦାମୋଦର ଭଞ୍ଜଙ୍କ ଝିଅ ପ୍ରିୟା ଗଡ଼ନାୟକ ୨୦୧୯ ଫେବୃୟାରୀ ୨୦ରେ ଗଡ଼ସନ୍ତ୍ରୀ ଗ୍ରାମର ଆଶୁତୋଷ ଗଡ଼ନାୟକଙ୍କୁ ବିବାହ କରିଥିଲେ। ହେଲେ କିଛି ଦିନ ପରେ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ସ୍ୱାମୀ ଆଶୁତୋଷଙ୍କ ସମେତ ଶାଶୁ ପ୍ରେମଲତା ଓ ନଣନ୍ଦ ସିନାରାଣୀ ସାମଲ ଅଧିକ ଯୌତୁକ ଦାବିରେ ନିର୍ଯାତନା ସହ ହତ୍ୟା ଧମକ ଦେଉଥିଲେ। ଗତ ୧୫ ତାରିଖରେ ସେମାନେ ପ୍ରିୟାଙ୍କ ଉପରେ କିରୋସିନି ପକାଇ ନିଆଁ ଲଗାଇ ଦେଇଥିବା ତାଙ୍କ ବାପା ଦାମୋଦର ଭଞ୍ଜ ଅଭିଯୋଗରେ ଦର୍ଶାଇଛନ୍ତି। ଗୁରୁତର ପ୍ରିୟାଙ୍କୁ ଅନୁଗୋଳ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ମୃତ୍ୟୁ ଘଟିଥିଲା। ଅଭିଯୋଗ ପରେ ଥାନା ଅଧିକାରୀ ସୁନୀଲ କର, ତଦନ୍ତ କରିବା ସହ ସ୍ୱାମୀ ଆଶୁତୋଷଙ୍କୁ ଅଟକ ରଖିଛନ୍ତି। ଅଧିକ ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଅପରପକ୍ଷରେ ପ୍ରିୟାଙ୍କ ଶାଶୁଘର ଲୋକେ ପୋଡ଼ି ମାରିଦେବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପାରିବାରିକ କଳହ ଯୋଗୁ ପ୍ରିୟା ଆତ୍ମହତ୍ୟା କରିଥିବା ସେମାନେ ସଫେଇ ଦେଇଛନ୍ତି।

## ଫଟୋରେ ଖବର


ଅନୁଗୋଳ ରାସ୍ତା ପାର୍ଶ୍ୱରେ ଦୁଇ ଶିଶୁ ଖେଳୁଛନ୍ତି।


ଦାବି ପୂରଣ ପାଇଁ ଏନ୍‌ଜେନ୍ କର୍ମଚାରୀମାନେ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।


ଅନୁଗୋଳ ସହରରେ ଥିବା ଏକ ମଦ ଦୋକାନରୁ ଗୁରୁବାର ଜଣେ ମହିଳା ମଦ କିଣିବାକୁ ଶିଶୁ କନ୍ୟା ସହ ଛିଡ଼ା ହୋଇଛନ୍ତି। (ଫଟୋ- ବୁବୁ)

